ପ୍ରେସ୍ ରିଲିଜ୍

# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

## ଅଣସର/ମହାଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀମହାପ୍ରସାଦ ମିଳେ

ପୁରୀ, ତା ୯.୬ :- ଶ୍ରୀଜୀଉମାନେ ଏବେ ମହାଅଣସରରେ ଅବସ୍ଥାନ କରୁଛନ୍ତି । ଦେବସ୍ନାନ ପୂର୍ଣ୍ଣିମାଠାରୁ ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ପନ୍ଦର ଦିନ ପର୍ଯ୍ୟନ୍ତ ଶ୍ରୀଜୀଉମାନେ ଅଣସର ଘରେ ରହନ୍ତି । ଚଳିତ ବର୍ଷ ନବକଳେବର ଦୃଷ୍ଟିରୁ ଯୋଡ଼ା ଆଷାଢ଼ ପଡୁଥିବାରୁ ଶ୍ରୀଜୀଉମାନେ ୪୫ଦିନ ମହାଅଣସରରେ ଅଛନ୍ତି ।

ଅଣସର ବେଳେ ଶ୍ରୀମନ୍ଦିରରେ ମହାପ୍ରସାଦ ଉପଲବ୍ଧ ହୁଏ ନାହିଁ ବୋଲି କେତେକଙ୍କ ଧାରଣା ରହିଛି । ପ୍ରକୃତପକ୍ଷେ ସାଧାରଣ ଦିନ ଭଳି ଅଣସର କିମ୍ବା ମହାଅଣସର ସମୟରେ ମଧ୍ୟ ଯଥାବିଧି ଶ୍ରୀମହାପ୍ରସାଦ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ଏହି ସମୟରେ ଦୈନନ୍ଦିନ ଭୋଗ ପରି ଗୋପାଳବଲ୍ଲଭ, ସକାଳ ଧୂପ, ମଧ୍ୟାହ୍ନ ଧୂପ, ସଂଧ୍ୟା ଧୂପ ବଡ଼ସିଂହାର ଭୋଗ ଇତ୍ୟାଦି କୋଠ ଭୋଗ ଏବଂ ମଧ୍ୟାହ୍ନରେ ଶ୍ରୀମହାପ୍ରଭୁମାନଙ୍କର ଭୋଗ ମଣ୍ଡପ ଭୋଗ ପରମ୍ପରା ଅନୁଯାୟୀ ପ୍ରସ୍ତୁତି କରାଯାଇଥାଏ । ଏପରିକି ଅଣସର/ ମହାଅଣସର ସମୟରେ କେତେକ ଅତିରିକ୍ତ ଭୋଗ ମଧ୍ୟ ଅନୁଷ୍ଠିତ ହୋଇଥାଏ । ତେଣୁ ଭକ୍ତମାନେ ଶ୍ରୀମନ୍ଦିରରେ ଅନ୍ନ ମହାପ୍ରସାଦ ଓ ଶୁଖିଲାଭୋଗ ପାଇବାରେ କୌଣସି ଅସୁବିଧା ନାହିଁ । ମହାଅଣସର ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ଯେ କୌଣସି ଦିନ ଶ୍ରୀମନ୍ଦିର ଆସି ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିନିଧି ସ୍ୱରୂପ ପତିଦିଅଁଙ୍କ ସମେତ ଅନ୍ୟ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି ଶ୍ରୀମହାପ୍ରସାଦ ପାଇପାରିବେ ।

(Signature) ତା ୯।୬।୨୦୧୫

ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ